# Akashvani, Sambalpur

## SAMBALPURI NEWS EVENING BULLETIN

**24 May 2024- 7.02 pm- 7.12 pm.**

*********************************************

୧- ଦେଶର୍ ୬ ନମ୍ବର୍ ଆର୍ ରାଜ୍ୟର୍ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବାକାଏଲ୍ ହେବା ଭୋଟ୍ ।

- ସମ୍ବଲ୍ପୁର୍ ସହେତେ ରାଜ୍ୟର୍ ୬ ଟା ଲୋକ୍ସଭା ଆର୍ ୪୨ ଟା ବିଧାନ୍ସଭା ଆସନ୍ ନ ଭୋଟ୍ ଲାଗି ସରିଛେ ପ୍ରସ୍ତୁତି ।

୨- ଚଲ୍ତି ବଛର୍ ମେଟ୍ରିକ୍ ପରୀକ୍ଷା ଫଲ୍ ଆଏବା ୨୬ ତାରିଖ୍ ଦିନ ବାହାର୍ବା ।

ଆଉର୍

୩- ମାନସିକ ରୋଗ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ସିଜୋଫ୍ରେନିଆ ଦିବସ୍ ।

ରାଜ୍ୟ ଭୋଟ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବା କାଏଲ୍ ଭୋଟ୍ ହେବା । ଇ ଖେପେ ସମ୍ବଲ୍ପୁର୍, ଢେଙ୍କାନାଲ୍,

କେନ୍ଦୁଝର୍, କଟକ୍, ଭୁବ୍‌ନେଶ୍ୱର୍ ଆର୍ ପୁରୀ ଲୋକ୍‌ସଭା ଆସନ୍ ଆର୍ ତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା କାଏଲ୍ ସଖାଲର୍ ୭ ବଜେନୁ ଭୋଟ୍ ନିଆଯିବା । କେତେଟା ଜାଗାନ ଉପର୍‌ବେଲା ୪ ବଜେତକ୍ ଆଉ କେତେଟା ବୁଥ୍ ନ ସଞ୍ଝର୍ ୬ ବଜେତକ୍ ଭୋଟ୍ ହେବା । ଇଥିର୍‌ଲାଗି ସବୁପ୍ରକାର୍ ପ୍ରସ୍ତୁତି ଶେଷ୍ ହେଇଛେ । ପୋଲିଂ କର୍ମଚାରୀମାନେ ଇଭିଏମ୍ ମିସିନ୍ ସହେତେ ଦର୍‌କାରୀ ସାମାନ୍ ନେଇକରି ଭୋଟ୍‌ଗ୍ରହଣ୍ କେନ୍ଦ୍ରମାନ୍‌କେ ପୁହୁଁଚିସାର୍‌ଲେନ ।  ଇ ଖେପର୍ ୬ ଟା ଲୋକ୍‌ସଭା ଆସନ୍ ଲାଗି ମୋଟ୍ ୬୪ ଝନ୍ ପ୍ରାର୍ଥୀ ଆର୍ ବିଧାନ୍‌ସଭା ଆସନ୍ ଲାଗି ୩ ଶହ ୮୩ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢୁଛନ୍ । ଇ ଖେପେ ମୋଟ୍ ୯୪ ଲାଖ୍ ୪୮ ହଜାର୍ ୫ ଶହ ୫୩ ଝନ୍ ଭୋଟର୍ ନିଜର୍ ମତାଧିକାର୍ ସାବ୍ୟସ୍ତ କର୍‌ବେ । ଇଥିର୍‌ଲାଗି ୧୦ ହଜାର୍ ୫ ଶହ ୧୫ ଟା ପୋଲିଂ ବୁଥ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ଖେପେ ୨ ଦଶ୍‌ମିକ୍ ୫ ପ୍ରତିଶତ୍ ମତଦାତା ପହେଲାଥର୍ ଲାଗି ଭୋଟ୍ ଦେବେ ।

## ପୁଲିସ୍ ମହାନିର୍ଦ୍ଦେଶକ- ସାମ୍ବାଦିକ୍ ସମ୍ମିଲନୀ

ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୩ ନମ୍ବର୍ ଖେପ୍ ନିର୍ବାଚନ୍‌କେ ଶାନ୍ତିଶୃଙ୍ଖଲା ସହେତେ ପରିଚାଲନା କର୍‌ବାର୍ ଲାଗି ପୁଲିସ୍ ତର୍‌ଫୁ ସବୁ ପ୍ରକାର୍‌ର ପ୍ରସ୍ତୁତି ଶେଷ୍ ହେଇଛେ ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀ କହିଛନ୍ । ଇ ଖେପର୍ ଭୋଟ୍ ଲାଗି ରାଜ୍ୟ ପୁଲିସ୍ ଆଉ ଅର୍ଦ୍ଧସାମରିକ ବାହିନୀ ମିଶିକରି ମୋଟ୍ ୩୫ ହଜାର୍ ପୁଲିସ୍ କର୍ମଚାରୀ ନିୟୋଜିତ ହେଇଛନ୍ ।
(ଭଏସ୍ ଓଭର୍- ଅରୁଣ୍ କୁମାର୍ ଷଡ଼ଙ୍ଗୀ)

୬ ନମ୍ବର ଖେପ୍ ମତଦାନ୍ - ସିଏପିଏଫ୍ ଆଇଏଣ୍ଡ୍‌ପିଆର୍

ଦେଶେ ଛ ନମ୍ବର୍ ଖେପ୍ ନିର୍ବାଚନ୍‌ଥି ଆଏବା କାଏଲ୍ ରାଜ୍ୟର ୬ ଟା ଲୋକସଭା ଆର ତାର ଅଧିନ୍‌ଥି ଥିବାର୍ ୪୨ଟା ବିଧାନସଭା କ୍ଷେତ୍ର ଲାଗି ମତଦାନ୍ ହେବା । ନିର୍ବାଚନ୍ ଆୟୋଗ୍ ରାଜନୈତିକ୍ ହିଂସା ଆଉ ଆଇନଶୃଙ୍ଖଲା ଥିତିର୍ ମୁକାବିଲା କରବାର ଦିଗେ 'ଶୂନ୍ୟ-ସହନଶୀଳତା ନୀତି' ଅବଲମ୍ବନ କରିଆସିଛେ । ହେତିରଲାଗି ସବୁ ପ୍ରକାରର ଅପ୍ରୀତିକର ଥିତିନୁ ଦୂରେ ରହିକରି ଶାନ୍ତି ଶୃଙ୍ଖଲାର ସହେତେ ଗଣତନ୍ତ୍ରର ମହାପର୍ବ୍‌ଥି ସାମିଲ୍ ହେବାର୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସବୁ ରାଜନୈତିକ୍ ଦଲ୍ ଆର ରାଏଜର ଲୁକକୁ ଅନୁରୋଧ୍ କରିଛନ୍ । ଇ ଅବସରେ ଶ୍ରୀ ଧଳ

ରାଏଜେ ସୁରକ୍ଷା ବ୍ୟବସ୍ଥାକେ ନେଇକରି ସମକୁ ଆଶ୍ୱସ୍ତ କରିଛନ୍ । ଯେନ୍ ୬ଟା ଲୋକସଭା ଆର ତାର ଅଧୀନଥି ଥିବା ୪୨ଟା ବିଧାନସଭା କ୍ଷେତ୍ରମାନଙ୍କୁ ଭୋଟ୍ ହେବାରକେ ଯାଉଛେ ସେ ଜାଗାମାନଙ୍କୁ ମୋଟ୍ ଶହେ ୨୧ଟା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ଫୋର୍ସ-ସିଏପିଏଫ୍ ମୁତୟନ କରାଯାଇଛେ ବଲି କହିଛନ୍ ।   ଇ ଦିଗେ ସମ୍ବଲପୁର ଜିଲ୍ଲାର୍ ୪ଟା ବିଧାନସଭା କ୍ଷେତ୍ରଥି ୧୨ଟା ଆର ଦେବଗଡ୍ ଜିଲ୍ଲାର୍ ଗୁଟେ ବିଧାନସଭା କ୍ଷେତ୍ର ଲାଗି ୨ଟା ସିଏପିଏଫ୍ ମୁତୟନ୍ କରାଯାଇଥିବାର୍ ସୂଚନା ମିଲିଛେ ।

୭ ନମ୍ବର୍ ଖେପ୍ ଲୋକ୍ସଭା ନିର୍ବାଚନ୍          ଏନ୍ଏସ୍ଡି

ଦେଶର୍ ୭ ନମ୍ବର୍ ତଥା ଶେଷ୍ ଖେପ୍ ନିର୍ବାଚନ୍ଥି ୮ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍ର ୫୭ ଟା ଆସନ୍ ଲାଗି ଆଏବା ଜୁନ୍ ମାସର୍ ୧ ତାରିଖ୍ ଭୋଟ୍ ହେବା । ଇ ଖେପର୍ ଭୋଟ୍ ଲାଗି ୨ ହଜାର୍ ଶହେ ୫ ଟା ନାମାଙ୍କନ୍ ପତ୍ର ଦାଖଲ୍ ହେଇଥିଲା । ପ୍ରାର୍ଥୀପତ୍ର ଯାଂଚ୍ ଆର୍ ପ୍ରତ୍ୟାହାର୍ ଉତ୍ରୁ ୯ ଶହ ୪ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢୁଛନ୍ ବଲି ସୂଚ୍ନା ମିଲିଛେ । ପଞ୍ଜାବ୍ ଆର୍ ଉତର୍ପ୍ରଦେଶ୍ର ୧୩ ଟା ଲେଖା, ପଶ୍ଚିମବଙ୍ଗ୍ର ୯ ଟା,

ବିହାର୍‌ର ୮ ଟା, ଓଡ଼ିଶାର୍ ୬ ଟା, ହିମାଚଲ୍ ପ୍ରଦେଶ୍‌ର ୪ ଟା, ଝାର୍‌ଖଣ୍ଡର ୩ ଟା, ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ଚଣ୍ଡିଗଡ୍‌ର ଗୁଟେ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଖେପ୍ ଭୋଟ୍ ଲାଗି ପ୍ରଚାର୍ ଜୋର୍‌ସୋର୍ ଚାଲିଛେ । ଭିନ୍ ଭିନ୍ ଦଲର୍ ବରିଷ୍ଠ ନେତାମାନେ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ଭୋଟ୍ ପ୍ରଚାର୍ କରୁଛନ୍ । ସବୁ ଖେପର୍ ଭୋଟ୍‌ଗନ୍‌ତି ଆଏବା ୪ ତାରିଖ୍ ଦିନ ହେବା ।

ବେଆଇନ୍ ଟଙ୍କା ଜବତ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ନିର୍ବାଚନ୍ ସମିଆଥି ବେଆଇନ୍ ଟଙ୍କା, ମଦ୍ ଆର୍ ଉନିଆ ନିଶାଦରବ୍ କାର୍‌ବାର୍‌କେ ରୁକ୍‌ବାର୍ ଦିଗେ ଭିନ୍ ଭିନ୍ ଜାଗାମାନ୍‌କେ ପୁଲିସ୍ ତର୍‌ଫୁ ତଲାସୀ ଚାଲିଛେ । ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ସୂତ୍ରନୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ନିର୍ବାଚନ୍ ପ୍ରକ୍ରିୟା ମୁଲ୍ ହେବାର୍ ଦିନୁ ଏଛେନ୍‌ତକ୍ ୨ ଶହ ୬୩ କୋଟି ୫୦ ଲାଖ୍ ଟଙ୍କା ଜବତ୍ କରାଯାଇଛେ । ରାଏଜେ ଆଏବାକାଏଲ୍ ୩ ନମ୍ବର୍ ଖେପ୍ ଭୋଟ୍ ହେବାର୍‌କେ ଥିବାର୍ ୬ ଟା ସଂସଦୀୟ କ୍ଷେତ୍ରନୁ ୧୨ କୋଟି ୨୨ ଲାଖ୍ ନଗଦ୍ ଟଙ୍କା ଜବତ୍ କରାଯାଇଛେ । ସେଆଡ଼େ ସି-ଭିଜିଲ୍ ଆପ୍‌ଥି ୬ ଟା ଲୋକ୍‌ସଭା କ୍ଷେତ୍ରନୁ ୪ ହଜାର୍ ୯ ଶହ ଟା ଅଭିଯୋଗ୍ ନିର୍ବାଚନ୍ କମିଶନ୍

ପାଇଥିବାର୍ ସୂଚ୍‌ନା ମିଳିଛେ । ଯାଂଚ୍ ଉତ୍‌ରୁ ୩ ହଜାର୍ ୮ ଶହ ଟା ଅଭିଯୋଗ୍ ସତ୍ ଆଏ ବଲି ଜନାପଡ଼ିଛେ ।

ମେଟ୍ରିକ୍ ରିଜଲ୍ଟ      ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଇ ବଛ୍‌ରର୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏବା ୨୬ ତାରିଖ୍ ବାହାର୍‌ବା । ଇ ବାବ୍‌ଦେ ବୋର୍ଡ଼୍ ତର୍‌ଫୁ ସବୁପ୍ରସ୍ତୁତି ସରିଛେ ବଲି ବୋର୍ଡ଼ର ସଭାପତି ଶ୍ରୀକାନ୍ତ ତରାଇ ସୂଚ୍‌ନା ଦେଇଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ୨୬ ତାରିଖ୍ ସଖାଲର୍ ସାଢ଼େ ୧୦ ବଜେ ପରୀକ୍ଷାଫଲ୍ ବାହାର୍‌ବା । ସାଢ଼େ ୧୧ ବଜେତକ୍ ବୋର୍ଡ଼ର ୱେବ୍‌ସାଇଟ୍ www.bseodisha.ac.in ଥି ଛାତ୍ରଛାତ୍ରୀମାନେ ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଯେନ୍‌ଜାଗା ନ ଇଂଟର୍‌ନେଟ୍ ସୁବିଧା ନାଇଁଥିବା ସେନର୍ ଛାତ୍ରଛାତ୍ରୀମାନେ ଏସ୍‌ଏମ୍‌ଏସ୍ ଜରିଏ ରିଜଲ୍ଟ ପାଇପାର୍‌ବେ । ସେନ୍ତା ଉପର୍‌ବେଲା ୪ ବଜେ ଉତ୍‌ରୁ ଡିଜିଟାଲ୍ ସାର୍ଟିଫିକେଟ୍ ଡାଉନ୍‌ଲୋଡ଼୍ କରିପାର୍‌ବେ । ମେ ୨୯ ତାରିଖ୍ ନୁ ଜୁନ୍ ୧୨ ତାରିଖ୍ ଭିତ୍‌ରେ ପରୀକ୍ଷାର୍ଥୀମାନେ ଉତର୍‌ଖାତାର୍ ରିଚେକିଂ ଲାଗି ଆବେଦନ୍ କରିପାର୍‌ବେ ବଲି ବୋର୍ଡ଼୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବଲପୁର-ନିର୍ବାଚନ୍ ଦେବ୍‌ଗଡ଼୍/ସମ୍ବଲପୁର୍

ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ଭୋଟ୍ ଗ୍ରହଣ୍ କେନ୍ଦ୍ରମାନ୍‌କେ ପୋଲିଂ ପାର୍ଟି ମାନେ ଇଭିଏମ୍ ମିସିନ୍ ଆର୍ ଦର୍‌କାରୀ ସାମାନ୍ ନେଇକରି ବୁଥ୍ ମାନ୍‌କେ ପୁହୁଁଚିଛନ୍ । ପୋଲିଂ ବୁଥ୍ ମାନ୍‌କେ ପୁଲିସ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ସମ୍ବେଦନ୍‌ଶୀଲ୍ ବୁଥ୍ ମାନ୍‌କେ ସିଆର୍‌ପିଏଫ୍ ମୁତୟନ୍ କରାଯାଇଛେ । ଆଏଜ୍ ସଖାଲୁ ଜିଲ୍ଲା ନ ଶହେ ୪୪ ଧାରା ଲାଗୁ ହେଇଥିବାର୍ ବେଲେ ୨୬ ତାରିଖ୍ ସଖାଲ୍‌ତକ୍ ଇଟା ବଳବତର୍ ରହେବା । ଇ ବାବ୍‌ଦେ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍‌ଙ୍କର୍ ରିପୋର୍ଟ....

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ସେନ୍ତା ସମ୍ବଲ୍‌ପୁର୍ ସଂସଦୀୟ କ୍ଷେତ୍ରର୍ ଦେବ୍‌ଗଡ଼୍ ବିଧାନ୍‌ସଭା ଆସନ୍ ନ ଅବାଧ, ନିରପେକ୍ଷ ଆର୍ ଶାନ୍ତିଶୃଙ୍ଖଲାଥି ନିର୍ବାଚନ୍ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଜିଲ୍ଲାପାଳ୍ ସୋମେଶ୍ କୁମାର୍ ଉପାଧ୍ୟାୟ ଇ ନିର୍ବଚନ୍ ମହାପର୍ବଥି ସାମିଲ୍ ହେବାର୍ ଲାଗି ଲୁକ୍‌କୁ ଭିଡ଼ିଓ ବାର୍ତା ଜରିଏ ଅନୁରୋଧ୍ କରିଛନ୍ । ଜିଲ୍ଲା ନ ମୋଟ୍ ୨ ଲାଖ୍ ୫୧ ହଜାର୍ ୩ ଶହ ୯୪ ଝନ୍ ଭୋଟର୍ ରହିଥିବାର୍ ବେଲେ ୩ ଶହ ୩୮ ଟା ବୁଥ୍ କରାଯାଇଛେ । ସେ ଭିତ୍‌ରୁ ୪୦ ଟା ସଖୀବୁଥ୍, ୪୮ ଟା

ମୋଡ଼େଲ୍ ବୁଥ୍, ୮୦ ଟା ସମ୍ବେଦନଶୀଳ ବୁଥ୍ ଆର୍ ୨ ଶହ ୩ ଟା ବୁଥ୍ ନ ସିସି କେମ୍ରା ବ୍ୟବସ୍ଥା କରାଯାଇଛେ ।

ଥାନା, ଅବକାରୀ ଅଧିକାରୀ ବଦ୍ଲି-ବର୍ଗଡ଼୍

ଆଇଏଣ୍ଡ୍ପିଆର୍

ବର୍ଗଡ଼୍ ସଦର୍ ଥାନା ଅଧିକାରୀ ଆର୍ ଅବକାରୀ ଷ୍ଟେସନ୍ ଅଧିକାରୀଙ୍କୁ ୨୪ ଘଂଟା ଭିତ୍ରେ ଜିଲ୍ଲା ବାହାର୍କେ ବଦ୍ଲି କର୍ବାର୍କେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ - ପୁଲିସ୍ ମହାନିର୍ଦ୍ଦେଶକ ଆଉ ଅବକାରୀ ଆୟୁକ୍ତଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୫ ନମ୍ବର୍ ଖେପ୍ ନିର୍ବାଚନ୍ ସମିଆଥି ଗଲା ୨୦ ତାରିଖ୍ ବର୍ଗଡ଼୍ ଜିଲ୍ଲା ସର୍ସରା ଗାଁ ନ ହେଇଥିବା ହତ୍ୟାକାଣ୍ଡର ତଦନ୍ତ୍ ଲାଗି ମୁଖ୍ୟ ନିର୍ବାଚନ୍ ଅଧିକାରୀ - ଉତରାଂଚଲ୍ ରାଜସ୍ୱ ଆୟୁକ୍ତ - ଆର୍ଡିସିଙ୍କୁ ଦାୟିତ୍ୱ ଦେଇଥିଲେ । ଆର୍ଡିସିଙ୍କର୍ ତଦନ୍ତ୍ ଅନ୍ସାରେ ହତ୍ୟକାଣ୍ଡଥି ସାମିଲ୍ ଥିବା ଅଭିଯୁକ୍ତମାନେ ନିଶା ସେବନ କରିଥିଲେ ବଲି ଜନାପଡ଼ିଛେ । ଆର୍ଡିସିଙ୍କର୍ ରିପୋର୍ଟ ଅନ୍ସାରେ ଇ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯାଇଛେ ।

ରବି ଧାନ୍ ଘିନା- ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଚାଷୀମାନେ ସୁବିଧା ଆଉ ବ୍ୟବସ୍ଥିତ୍ ଭାବେ ରବି ଧାନ୍ ବିକିପାର୍‌ବେ । ଜିଲ୍ଲାପାଲ୍ ଅନ୍ୟା ଦାସ ବିନ୍‌କା ବଜାର ପ୍ରାଙ୍ଗଣ ନ ଧାନ୍ ଘିନା ପ୍ରକ୍ରିୟା ମୁଲ୍ କରିଛନ୍ । ଧାନ୍‌ବିକା ବେଲେ ଚାଷୀମାନ୍‌କର୍ ସବୁ ପ୍ରକାର୍ ସମସ୍ୟାର୍ ତୁର୍‌ତି ସମାଧାନ୍ ଲାଗି ଗୁଟେ କଂଟ୍ରୋଲ୍ ରୁମ୍ ଖୁଲାଯାଇଛେ ।

ହାତୀ ଗଣ୍‌ନା -ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବନଖଣ୍ଡ ଅଧୀନ୍‌ଥି ଥିବା ସବୁ ରେଞ୍ଜ୍ ଆଉ ନୟାଗଡ୍ ମହାନଦୀ ବନ୍ୟପ୍ରାଣୀ ଇଲାକା ନ ହାତୀଗଣନା କାମ୍ ଗଲାକାଏଲ୍‌ନୁ ମୁଲ୍ ହେଇଛେ । ବୌଦ୍ଧ ରେଞ୍ଜ୍ ନ ୪୫ ଟା ମଂଚା ତିଆର୍ କରାଯାଇଛେ । ସେ ଭିତ୍‌ରୁ ହର୍‌ଭଙ୍ଗା ବ୍ଲକ୍‌ର ମାଧୋପୁର୍ ନ ୧୮ ଟା, ପୁରୁଣାକଟକ୍ ନ ୨ ଟା ମଂଚା ନ ତିଆର୍ କରାଯାଇଛେ । ଇଥିର୍‌ଲାଗି ମୋଟ୍ ଶହେ ୫୩ ଝନ୍ ବନକର୍ମଚାରୀ ନିୟୋଜିତ୍ ହେଇଛନ୍ । ସେନ୍ତା ନୟାଗଡ୍ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ୍‌ଥି ଥିବା ୪ ଟା ରେଞ୍ଜ୍ ନ ୩୬ ଟା ମଂଚା ତିଆର୍ କରାଯାଇଛେ । ଇଥି ଶହେ ୮ ଝନ୍ ବନକର୍ମଚାରୀ ନିୟୋଜିତ ହେଇଛନ୍ ବଲି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସିଜୋଫ୍ରେନିଆ ଦିବସ        ଆର୍‌ଏନ୍‌ୟୁ/ କଟକ୍

ମାନସିକ ରୋଗୀମାନ୍‌କୁ ସ୍ନେହ, କରୁଣା, ଦୟା ଦେଖାବାର୍ ସହେତେ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟ୍‌ଥି ଆଏଜ୍ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବାର୍ତା 'ଗୋଷ୍ଠୀର ଦୟାଭାବ ଶକ୍ତିକୁ ପାଳନ କରିବା' । ସିଜୋଫ୍ରେନିଆ ହେଉଛେ ଗୁଟେ ମାନସିକ୍ ସମସ୍ୟା । ଇଟା ମୁନ୍‌ଷର୍ ଭାବନା, ଆବେଗ, ବେଭାର୍ ଆର୍ କାର୍ଯ୍ୟଦକ୍ଷତାକେ ବିଶେଷ୍‌ଭାବେ ପ୍ରଭାବିତ୍ କରିଥିସି । ମସ୍ତିଷ୍କଥି ଖାସ୍ କରି ଡୋପାମିନ୍ ରାସାୟନିକ ତତ୍ୱର ମାତ୍ରା ବଢ଼୍‌ଲେ ଇ ବେମାର୍ ହେଇଥିସି । ଇତାର୍‌ସହେତେ ଜିନ୍‌ଗତ କାରଣ ନାହେତ ମାନସିକ ଚାପ ଲାଗି ହେସି । ଦେଶର୍ ଫି ଶହେ ଲୁକର୍ ଭିତ୍‌ରେ ଝନେକେ ଇ ବେମାରୀ ହେଇଥିସି ।